**୧୩୦ କେଜି ଗଞ୍ଜେଇ ଜବତ, ୨ ଗିରଫ**

ଆର.ଉଦୟଗିରି,(ଡି.ଏନ.ଏ.)-ଆର.ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ମୋହନା ପୋଲିସ ବୁଧବାର ପାଟ୍ରୋଲିଂ କରୁଥିବା ସମୟରେ ୧୩୦ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିହାର ରାଜ୍ୟ ପାଟଣା ଅଞ୍ଚଳର ପ୍ରବିନ କୁମାର ଏବଂ ଶଙ୍କର ରାୟ। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳରୁ ଗଞ୍ଜେଇ ନେଇ ଏକ କାର୍‌ରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଲୁହାଗୁଡି ନିକଟ କମଳାପୁର ଚେକ୍ ଗେଟ୍‌ରେ ପୋଲିସ ଅଟକାଇ ଗଞ୍ଜେଇ ଜବତ କରିଥିଲା। ଏ ନେଇ ମୋହନା ଥାନାରେ ନଂ. ୫୦/୨୧ ମାମଲା ରୁଜୁ ହୋଇଛି।



## ସଂକ୍ଷେପରେ

### ବିଏଡ୍ କଲେଜର ବାର୍ଷିକ କ୍ରୀଡ଼ା

**ଭଞ୍ଜନଗର, ୨୪।୨ (ଡି.ଏନ.ଏ.)-** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଏଡ୍)ର ୪୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସୋରାଦେବୀ ମନ୍ଦିରରୁ କ୍ରୀଡ଼ା ମଶାଲ ଧରି ଶୋଭାଯାତ୍ରାରେ କଲେଜରେ ପହଞ୍ଚିଥିଲେ। ଅଧକ୍ଷା ଡ.ସରୋଜିନୀ ବରାଇ କ୍ରୀଡ଼ା ମଶାଲ ଗ୍ରହଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲଙ୍ଗଜମ୍ପ, ହାଇଜମ୍ପ, ଦୌଡ଼, ମ୍ୟୁଜିକ୍ ଚେୟାର, ଜାଭେଲିନ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ରାଧେଶ୍ୟାମ ରାଉତ ଓ ବାଳିକା ବିଭାଗରେ ସୁଭାଙ୍ଗି ମାଝି ଚାମ୍ପିୟନ ହୋଇଥିଲେ। ପଶ୍ଚିମବଙ୍ଗର ଝରାଗ୍ରାମସ୍ଥିତ ସେବାୟତନ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଯଶୋବନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ସାଗର ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦକ ସୁଭାଙ୍ଗି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛତା ନିମନ୍ତେ ପୁରସ୍କାର

**ହିଞ୍ଜିଳିକାଟୁ,୨୪।୨(ଡି.ଏନ୍.ଏ.)-**ସ୍ୱଚ୍ଛତା ନିମନ୍ତେ ହିଞ୍ଜିଳିକାଟୁ ପୌରାଞ୍ଚଳ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଛି। ହିଞ୍ଜିଳିକାଟୁ ପୌର ପ୍ରଶାସକ ତଥା ଅତିରିକ୍ତ ଜିଲାପାଳ କବୀନ୍ଦ୍ର ସାହୁ ବୁଧବାର ପୌର କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ବ୍ଲକକୁ ଶ୍ରେଷ୍ଠ ଅନୁଷ୍ଠାନ, ଶ୍ରେଷ୍ଠ ବିଦ୍ୟାଳୟ ଭାବେ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇସିଆଇସିଆଇ ବ୍ୟାଙ୍କ ଶାଖା କାର୍ଯ୍ୟାଳୟକୁ ସ୍ୱଚ୍ଛତା ନିମନ୍ତେ ପୁରସ୍କୃତ କରିଛନ୍ତି। ସେହିପରି ସ୍ୱଚ୍ଛତା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଦୀପକ କୁମାର ମହାନ୍ତି ଓ ପଲ୍ଲବୀ ପଟ୍ଟନାୟକଙ୍କୁ ମଧ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମକୁ ପୌର ନିର୍ବାହୀ ଅଧିକାରୀ ଡ଼ ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ। ବିଡ଼ିଓ ପ୍ରସନ୍ନ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପୌର ପରିଷଦର ସମସ୍ତ ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜରଙ୍କ ସହ ପୌର ପ୍ରଶାସକ ଆଲୋଚନା କରିଥିଲେ।

### ଶ୍ରମିକ କାର୍ଡ ପାଇଁ ଅର୍ଥ ଆଦାୟ , ୨ ଅଟକ

**ଦିଗପହଣ୍ଡି,୨୪।୨(ଡି.ଏନ୍.ଏ.):** ଦିଗପହଣ୍ଡି ପୁଞ୍ଜିକୟାଁ ଛକଠାରେ ବି ୱ୍ୱାନ ଶ୍ରମିକ ସଂଘ ନାମରେ ଏକ କାର୍ଯ୍ୟାଳୟ ଖୋଲି ଶ୍ରମିକ କାର୍ଡ କରାଇଦେବା ନାଁରେ ଲୋକଙ୍କଠାରୁ ବେଆଇନ ଅର୍ଥ ଆଦାୟ ଘଟଣାରେ ପୋଲିସ ୨ ଜଣଙ୍କୁ ଅଟକ ରଖିଛି। ଗତ ରବିବାର ଭାଜପାର କିଛି କାର୍ଯ୍ୟକର୍ତ୍ତାଙ୍କ ଠାରୁ ଅଭିଯୋଗ ପାଇ ଜିଲା ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର ବି-ୱ୍ୱାନ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ସେଠାରେ ବେଆଇନ କାର୍ଯ୍ୟ କରାଯାଉଥିବା ଶ୍ରମ ଅଧିକାରୀ ଥାନାରେ ଏତଲା ଦେଇଥିଲେ।

### ସମ୍ମାନିତ ହେଲେ ବିଷ୍ଣୁମୋହନ



**ପାରଳାଖେମୁଣ୍ଡି, ୨୪।୨ (ଡି.ଏନ୍.ଏ.)**–ଗଜପତି ଜିଲା ପାରଳାଖେମୁଣ୍ଡିର ବିଷ୍ଣୁମୋହନ ଅଧିକାରୀ ବିଶ୍ୱ ମାତୃଭାଷା ଦିବସରେ ସମ୍ମାନିତ ହୋଇଛନ୍ତି। ପାରଳାଖେମୁଣ୍ଡିର ଲେଖକ, କବି ଓ ଗବେଷକମାନଙ୍କ କୃତିକୁ ସୋସିଆଲ ମିଡିଆରେ ବହୁଳ ଭାବେ ପ୍ରଚାର ପ୍ରସାର କରିଥିବା ଯୋଗୁ ଜ୍ଞାନମଣ୍ଡଳ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ କରାଯାଇଛି। ବିଷ୍ଣୁମୋହନ ଜଣେ ଇଞ୍ଜିନିୟର । ତେବେ ସାହିତ୍ୟକୁ ପ୍ରଚାର ପ୍ରସାର କରିବାରେ ଦୀର୍ଘ ସାଧନା ଯୋଗୁ ଇଣ୍ଡିଆନ ଏକ୍ସପ୍ରେସରେ ତାଙ୍କର କୃତୀ ସ୍ଥାନ ପାଇଛି। ବିଭିନ୍ନ କଳା, ସାହିତ୍ୟ, ସଂଗୀତ କ୍ଷେତ୍ରରେ ଅବଦାନ ପାଇଁ ଡ. ଜେପିଦାସ, ସୌମ୍ୟା ପଟ୍ଟନାୟକ, ଭାଗୀରଥି ଦାସ, ଯାମାମଣୀ ଦେବୀ, ଇଲିଆନା ସିତାରିଷ୍ଟ, ଇଂ ପ୍ରଭାକର ସ୍ୱାଇଁ, ପ୍ରଫେସର ଯତିନ୍ଦ୍ର ନାଏକ, ପ୍ରଦ୍ୟୁମ୍ନ ଶତପଥୀ, ଡ.ହରପ୍ରସାଦ ମିଶ୍ର, ଡ.ସରୋଜ ସିଂ, ଡ.ଶୋଭାରାଣୀ ଦାସ, ବିଜୟ ବିଶ୍ୱାଳ ଏବଂ ପ୍ରଶାନ୍ତ ଭୂୟାଁ ସମ୍ମାନିତ ହୋଇଛନ୍ତି। ବିଷ୍ଣୁମୋହନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଓ ଅନ୍ୟ ସାହିତ୍ୟପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ଆଶା ଆଶଙ୍କାରେ ଠାକୁରାଣୀ ଯାତ୍ରା

**ବ୍ରହ୍ମପୁର ଅଫିସ,୨୪।୨**

ଚଳିତ ବର୍ଷ ହେବାକୁ ଥିବା ବ୍ରହ୍ମପୁର ପ୍ରସିଦ୍ଧ ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ହେବ କି ନାହିଁ ତାହା ଆଶା ଓ ଆଶଙ୍କାରେ ରହିଛି। ଗଞ୍ଜାମ ଜିଲା ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ମହାରାଷ୍ଟ୍ର ଓ କେରଳ ସମେତ ବିଭିନ୍ନ ରାଜ୍ୟରେ ମହାମାରୀ କରୋନା ପୁଣି ଲେଉଟାଣି ଯୋଗୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଧ ଅଧିକ ତତ୍ପର ହୋଇଛନ୍ତି। ସରକାରଙ୍କ ଗାଇଡ ଲାଇନ ପାଳନକୁ ଗୁରୁତ୍ୱ ଦିଆଯାଇଛି।

ଶହ ଶହ ବର୍ଷ ପୂର୍ବରୁ ବ୍ରହ୍ମପୁରରେ ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱି-ବାର୍ଷିକ ଯାତ୍ରା ହେବାର ପରମ୍ପରା ରହିଛି। ବହୁ ବର୍ଷ ତଳେ ଯାତ୍ରା ୩ ରୁ ୪ ମାସ ଧରି ହେଉଥିଲା। ଗତ କିଛିବର୍ଷ ହେବ ସମୟସୀମା କମିଯାଇଛି। ୨୦୧୯ରେ ହୋଇଥିବା ଯାତ୍ରା ମାସେ ଚାଲିଥିଲା। ମା’ଙ୍କୁ ତାଙ୍କ ବାପଘର ଦେଶୀ ବେହେରା ସାହିରେ ଦର୍ଶନ ଓ ଯାତ୍ରା ଉପଭୋଗ ପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଜନଗହଳି ପାଇଁ ପ୍ରଶାସନ ଅନୁମତି ନ ଦେବାର ଚର୍ଚ୍ଚା ହେଉଛି। ଅପରପକ୍ଷରେ ଯାତ୍ରା ପରିଚାଳନା ମୁଖ୍ୟ ଦୁର୍ଗା ପ୍ରସାଦ



ମା’ ବୁଢ଼ୀ ଠାକୁରାଣୀ।

ଦେଶୀ ବେହେରା ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ମହାଶିବରାତ୍ରି ପରେ ପ୍ରଥମେ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ କେବେ ହେବ

- ଜିଲା ପ୍ରଶାସନ ନିଷ୍ପତ୍ତିକୁ ଅପେକ୍ଷା
- ଦୁଇ ବର୍ଷରେ ଥରେ ବାପ ଘରକୁ ଆସନ୍ତି ମା’

ସେଥିପାଇଁ ବେଳା ଲଗ୍ନ ସିଦ୍ଧାନ୍ତି (ତେଲୁଗୁ ପୁରୋହିତ) ଘୋଷଣା କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ କାର୍ଯ୍ୟ ହେବ। ଚଳିତ ବର୍ଷର ଯାତ୍ରା ନିଶ୍ଚିତ ଭାବେ ହେବାର ଦୁର୍ଗାପ୍ରସାଦ ଆଶାବାଦୀ ଅଛନ୍ତି। ତେବେ ଜିଲା ପ୍ରଶାସନ କ’ଣ ନିଷ୍ପତ୍ତି ନେବେ ସେଥିପାଇଁ ମହାନଗରବାସୀ ଅପେକ୍ଷା କରିଛନ୍ତି।

# ଗାଡ଼ି ଶୋ’ରୁମ୍‌ରୁ ୮.୭୪ ଲକ୍ଷ ଲୁଟ୍

**ବ୍ରହ୍ମପୁର ଅଫିସ,୨୪।୨**

ବ୍ରହ୍ମପୁର ସହରରେ କିଛି ଦିନର ନୀରବତା ପରେ ପୁଣିଥରେ ଲୁଟ ଆରମ୍ଭ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗିରେ ଥିବା ଏକ ଗାଡି ଶୋ’ରୁମ୍ ଶଟର ତାଡି ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ସକାଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ ଏବଂ ଶୋ’ରୁମ୍‌ରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଦୁଇଜଣ ଲୁଟେରାଙ୍କୁ ପୋଲିସ ଠାବ କରିଛି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ ହୋଇଛି। ପ୍ରକାଶ ଯେ, ବୁଧବାର ସକାଳେ ମାଲିକ ଆଲୋକ ସୁନ୍ଦର ବାଜପେୟୀ ଶୋ’ରୁମ୍‌ର ଶଟର ଭଙ୍ଗା ଯାଇଥିବା ଖବର ପାଇ ସେଠାରେ ପହଞ୍ଚିଥିଲେ। ପରେ ଏନେଇ ସେ ପୋଲିସକୁ ଖବର କରିଥିଲେ। ସେଠାରେ ପୋଲିସ ପହଞ୍ଚି ଶୋ’ରୁମ୍ ଶଟର ଭାଙ୍ଗିଥିବା ଦେଖି ଚୋରି ହୋଇଥିବା ସନ୍ଦେହ କରିଥିଲା। ପରେ ପୋଲିସ ଓ ମାଲିକ ଭିତରକୁ ଯାଇଥିଲେ।

**ପୋଲିସ ସ୍କାନରରେ ୨ ଅଭିଯୁକ୍ତ**

ସେଠାରେ ଖଞ୍ଜା ଯାଇଥିବା ସିସିଟିଭି ଫୁଟେଜ୍ ଯାଞ୍ଚ ବେଳେ ମଙ୍ଗଳବାର ରାତି ପ୍ରାୟ ୧.୪୩ରେ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ଶୋ’ରୁମ୍ ନିକଟରେ ପହଞ୍ଚିଥିଲେ। ଶଟର ତାଡ଼ି ଜଣେ ଦୁର୍ବୃତ୍ତ ଭିତରେ ପଶିଥିବା ଫୁଟେଜରୁ ଜଣାପଡ଼ିଛି। ଦୁର୍ବୃତ୍ତ ଜଣକ ପ୍ରଥମ କ୍ୟାଶ୍ କାଉଣ୍ଟରରେ ରଖାଯାଇଥିବା ୧୪ ହଜାର ୨୦୦ ଟଙ୍କା ଦୁର୍ବୃତ୍ତ ଧରିଥିବା ବ୍ୟାଗରେ ରଖିଥିଲେ। ପରେ ଭିତରେ ଥିବା ମାଲିକଙ୍କ ଚାମ୍ବର ତାଲା ଭାଙ୍ଗି ସେଥିରେ ଦୁର୍ବୃତ୍ତ ଜଣକ କାଉଣ୍ଟରରେ ଥିବା ୮ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଥିବା ଫୁଟେଜରୁ ସୂଚନା ମିଳିଛି। ଏଭଳି ମୋଟ ୮ ଲକ୍ଷ ୭୪ ହଜାର ୨୦୦ ଟଙ୍କା ଲୁଟ ହୋଇଥିବା ମାଲିକ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଛାନ୍‌ଭିନ ଆରମ୍ଭ କରିଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି।

# ନାରୀଙ୍କୁ ସହଯୋଗ ପ୍ରଥମ କର୍ତ୍ତବ୍ୟ:ଅଧକ୍ଷା



ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**ବ୍ରହ୍ମପୁର ଅଫିସ୍,୨୪।୨**

**ମହିଳା ଆୟୋଗର ଅଭିଯୋଗ ଅଦାଲତ**

ରାଜ୍ୟ ମହିଳା ଆୟୋଗ ପକ୍ଷରୁ ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଅଭିଯୋଗ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ.ମିନତି ବେହେରା ଏଥିରେ ଅଧକ୍ଷତା କରିଥିଲେ। ୧୫ ଯୁଗ୍ମ ସମସ୍ୟା,୨୪ ବ୍ୟକ୍ତିଗତ ଓ ୬ ବିରୋଧୀ ସମସ୍ୟାର ଶୁଣାଣି ହୋଇଥିଲା। ଶିବିରରେ ମୋଟ ୭୯ ଅଭିଯୋଗ ମଧ୍ୟରୁ ୪୫ ଅଭିଯୋଗକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ୍, ରାଜ୍ୟ ମହିଳା ଆୟୋଗ ସଦସ୍ୟ ସ୍ନେହାଞ୍ଜଳି ମହାନ୍ତି, ସ୍ୱର୍ଣ୍ଣଲତା ସାମଲ ଓ ସୁଶ୍ରୀ ଜାଲିନା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ଉପସ୍ଥିତିରେ ଅଭିଯୋଗର ଶୁଣାଣି ହୋଇଥିଲା। ରାଜ୍ୟ ସରକାର ସମାଜରେ ମହିଳାମାନଙ୍କ ଅଧିକାରକୁ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କୁ ଯଥା ସମ୍ଭବ ସମସ୍ତ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମ ସମାଜର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ଅଧକ୍ଷା କହିଥିଲେ। ପାରିବାରିକ ହିଂସା ହେଉ କିମ୍ବା ଯୌତୁକ ନିର୍ଯାତନା, ଯୌନ ନିର୍ଯାତନା, କର୍ମ କ୍ଷେତ୍ରରେ ହତାଶ, କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ, ସାଇବର ଅପରାଧ, ସମ୍ପତ୍ତିଗତ ଅଧିକାର ସର୍ବୋପରି ନାରୀ ସମ୍ବନ୍ଧୀୟ ଅଧିକାର ଉଲ୍ଲଂଘନ ହେଲେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ରାଜ୍ୟ ମହିଳା ଆୟୋଗ ଗଠନ କରାଯାଇଛି। ବିଶେଷକରି ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ଯେଭଳି ସୁଦୃଢ଼ ରହିବ ସେଥିପାଇଁ ରାଜ୍ୟ ସରକାର ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ଅଧକ୍ଷା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ଛତ୍ରପୁର ଅତିରିକ୍ତି ଏସ୍‌ପି ଅଶୋକ କୁମାର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ଫୁଲବାଣୀ ଅଫିସ, ୨୪।୨**

ଜଣେ ନାବାଳିକାଙ୍କୁ ଜବରଦସ୍ତ ଘରେ ରଖି ବଳାତ୍କାର କରିବା ଅଭିଯୋଗରେ ଗୋଚ୍ଛାପଡ଼ା ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସେ ହେଲେ ଗୋଚ୍ଛାପଡ଼ା ଥାନା ଅଞ୍ଚଳର ସଞ୍ଜୟ ମୁଖୀ। ଉକ୍ତ ଥାନା ଅଞ୍ଚଳର ନାବାଳିକା ଜଣକ ପ୍ରାୟ ଏକ ମାସ ତଳେ ଗାଁ ପୋଖରୀରେ ଗାଧୋଇ ଘରକୁ ଫେରୁଥିଲେ। ରାସ୍ତାରେ ସଞ୍ଜୟ ତାଙ୍କୁ ଜବରଦସ୍ତି ଅପହରଣ କରି ନେଇ ନିଜ ଘରେ ରଖି ବଳାତ୍କାର କରି ଚାଲିଥିଲେ। ଘରେ କେହି ନ ଥିବାର ସୁଯୋଗ ପାଇ ନାବାଳିକା ସେଠାରୁ ଖସି ଆସି ପରିବାର ଲୋକଙ୍କୁ ସବୁ ବିଷୟରେ ଜଣାଇଥିଲେ। ପରିବାର ପକ୍ଷରୁ ଏତଲା ପୋଇ ଗୋଚ୍ଛାପଡ଼ା ପୋଲିସ ନଂ. ୧୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସଞ୍ଜୟ ଗାଁରେ ଥିବା ଖବର ପାଇ ପୋଲସ ଗିରଫ କରିଥିଲା।

# ଅଭିଯୁକ୍ତଙ୍କୁ ୫ବର୍ଷ ଜେଲ ଦଣ୍ଡ

**ବ୍ରହ୍ମପୁର ଅଫିସ,୨୪।୨**

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ୍-୧ ପ୍ରସନ୍ନ କୁମାର ପଣ୍ଡା ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବୁଧବାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ଅଭିଯୁକ୍ତ ଅସରଫ କାର୍ଜିଙ୍କୁ ଏଡିଜେ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ଅଭିଯୁକ୍ତ ଜଣଙ୍କ ୫୦ ହଜାର ଟଙ୍କା ଜରିମାନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ ପାଇଁ ମଧ ଏଡିଜେ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ଘଟଣାରୁ ପ୍ରକାଶ, ୨୦୧୮ ସେପ୍ଟେମ୍ବର ୨୭ରେ ଅବକାରୀ ବିଭାଗ ଗୋପାଳପୁର ଛକରେ ଥିବା ହାଇୱେ ଢାବା ନିକଟରେ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ଜଣେ ଯୁବକଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା। ସେଥିରେ ଗଞ୍ଜେଇ ଥିବା ବେଳେ ତାହା ପଶ୍ଚିମବଙ୍ଗ ଚୋରା ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ମାମଲା ନମ୍ବର ୨୪/୧୮ ରେ ଅଭିଯୁକ୍ତ ଅସରଫଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ହେଲେ ପରବର୍ତ୍ତୀ ସମୟରେ କୋର୍ଟରେ ଉକ୍ତ ମାମଲାର ବିଚାର ବେଳେ ସେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ପକ୍ଷରୁ ଅଭିଯୁକ୍ତ ଅସରଫଙ୍କୁ ଧରିବା ପାଇଁ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ପୋଲିସ ୨୦୨୦ରେ ପଶ୍ଚିମବଙ୍ଗରେ ରହୁଥିବା ଅଭିଯୁକ୍ତ ଅସ୍‌ରଫଙ୍କୁ ଗିରଫ କରିଥିଲା। କରୋନା କଟକଣା ଯୋଗୁ ଅସରଫଙ୍କୁ ସେଠାକାର ସ୍ଥାନୀୟ ଜେଲରେ ରଖାଯାଇଥିଲା। ପରେ ଗତ ଅଗଷ୍ଟରେ ବ୍ରହ୍ମପୁର ପୋଲିସ ଅସରଫଙ୍କୁ କୋର୍ଟ ନିର୍ଦ୍ଦେଶରେ ମଣ୍ଡଳ କାରାଗାରକୁ ଆଣିଥିଲା। ବୁଧବାର ଉକ୍ତ ମାମଲାର ଶୁଣାଣି ବେଳେ ଅସ୍‌ରଫଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଏଡିଜେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ପରେ ଅଭିଯୁକ୍ତ ଅସ୍‌ରଫଙ୍କୁ ପୋଲିସ ପୁଣି ଥରେ ମଣ୍ଡଳ କାରାଗାରରେ ଭର୍ତ୍ତି କରିଛି। ସରକାରଙ୍କ ପକ୍ଷରୁ ଏପିପି ଅନିଲ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ସହଳ ଭିନ୍ନକ୍ଷମ ଚିହ୍ନଟୀକରଣ ଶିବିର

**ଆସିକା,୨୪।୨(ଡି.ଏନ୍.ଏ)**

ଆସିକା ବ୍ଲକ ଗୁଣ୍ଡପଡ଼ାସ୍ଥିତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଦିବ୍ୟାଙ୍ଗଙ୍କ ପାଇଁ ଏକ ସହଳ ଭିନ୍ନକ୍ଷମ ଚିହ୍ନଟୀକରଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ ପାଇଁ ଚିହ୍ନଟ କରାଯାଇଥିଲା । ସମୁଦାୟ ୮୭ଜଣଙ୍କୁ ବିଭିନ୍ନ ଉପକରଣ ବଣ୍ଟନ ପାଇଁ ଚିଠା ପ୍ରସ୍ତୁତ ହୋଇଥିଲା। ସେଥିରୁ ୪୧ଜଣଙ୍କୁ ଟ୍ରାଇ ସାଇକେଲ ଓ ହ୍ୱିଲ ଚେୟାର, ୧୨ଜଣ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ଏମ୍. ଆର, ୧୦ଜଣ ଦୃଷ୍ଟି ବାଧିତ ଏବଂ ୨୪ ଶ୍ରବଣ ବାଧିତଙ୍କ ପାଇଁ ଚିଠା ପ୍ରସ୍ତୁତ କରାଯାଇଥିଲା। ବିଡିଓ ରୋଶନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ ଦେଓ, ଗୁଣ୍ଡପଡା ସରପଞ୍ଚ ମୋଚିଆଣି ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜି. ଆପନ୍ନା ଏବଂ ବ୍ରହ୍ମପୁର ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ପକ୍ଷରୁ ଅଜିତ କୁମାର ରାଉଳ, ମୁରଲୀଧର ବେହେରା, ପ୍ରଶାନ୍ତ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ନେଇ ଜିଲାପାଳଙ୍କ ସମୀକ୍ଷା

**ଦିଗପହଣ୍ଡି,୨୪।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ସୁସ୍ଥ ଓଡ଼ିଶା ସ୍ୱଚ୍ଛ ଓଡ଼ିଶା ମିଶନରେ ଚାଲିଥିବା ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଉପସ୍ଥିତ ମହିଳା ସ୍ୱଚ୍ଛ ସାଥୀମାନଙ୍କ ସହ ଆଲୋଚନା କରିବାପରେ ୧୦ ନଂ ୱାର୍ଡ ରାଣୀ ସାହିରେ ଆବର୍ଜନା ସଂଗ୍ରହ ଓ ସଫେଇ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ସେଠାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ସେ ଉପସ୍ଥିତ ଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କୁ ତାଗିଦ୍ କରି ପରିବେଶ ସର୍ବଦା ସଫା ରଖିବାକୁ ପରାମର୍ଶ ଦେଇଥିଲେ। ପରେ ସେ ନିମପଲ୍ଲୀ ଗ୍ରାମ ନିକଟରେ ନବନିର୍ମିତ ମାଇକ୍ରୋ କମ୍ପୋଷ୍ଟ



କୋଚିଂ ସେଣ୍ଟର ପରିଚାଳକଙ୍କ ସହ ଆଲୋଚନା କରୁଛନ୍ତି ଜିଲାପାଳ।

ସେଣ୍ଟର ଏବଂ ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟା କରଣ ୟୁନିଟରେ ପହଞ୍ଚି ସାର ପ୍ରସ୍ତୁତ କାର୍ଯ୍ୟ ଦେଖି ଶୀଘ୍ର ସମସ୍ତ କାର୍ଯ୍ୟ ସାରିବାକୁ ଉପସ୍ଥିତ ବ୍ଲକ କାର୍ଯ୍ୟାଳୟ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କା ଏବଂ ଏନ୍‌ଏସି କାର୍ଯ୍ୟାଳୟ କନିଷ୍ଠ ଯନ୍ତ୍ରୀ ଇଂ. ମମତା କୁମାରୀ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଏନ୍‌ଏସି କର୍ମଚାରୀ ଜିଲାପାଳଙ୍କ ଗସ୍ତରେ ସାମିଲ ଥିଲେ। ଏହା ପୂର୍ବରୁ ଜିଲାପାଳ ଦିଗପହଣ୍ଡି ବଜାର ସାହି ଛକ ନିକଟରେ ଥିବା ଏକ କୋଚିଂ ସେଣ୍ଟରରେ ଛାତ୍ରୀଛାତ୍ରଙ୍କ ଭିଡ଼କୁ ଦେଖିଥିଲେ। ସେଠାରେ କୋଭିଡ୍ କଟକଣା ଉଲ୍ଲଂଘନ କରାଯାଇଥିବାରୁ ଉକ୍ତ କୋଚିଂ ସେଣ୍ଟରକୁ ସିଲ୍ କରାଯିବା ସହ ମାଲିକଙ୍କଠାରୁ ଜରିମାନା ଆଦାୟ କରିବାକୁ ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ରାସ୍ତା ନିର୍ମାଣରେ ବିଳମ୍ବ ନେଇ ସ୍ମାରକପତ୍ର

**ଚିକିଟି,୨୪।୨(ଡି.ଏନ.ଏ.)**

ଚିକିଟି ବ୍ଲକ ନୂଆପଡା ଗ୍ରାମରେ ପୂର୍ତ୍ତବିଭାଗ ଅଧୀନରେ ଚାଲିଥିବା ରାସ୍ତା ନିର୍ମାଣ କାମରେ ବିଳମ୍ବ ହେଉଥିବାରୁ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ୨୦୧୯ରୁ ଉକ୍ତ ରାସ୍ତା କାମ ଆରମ୍ଭ ହୋଇଥିଲେ ମଧ ବର୍ତ୍ତମାନ ଯାଏ ଅଧପାନ୍ତରିଆ ଅବସ୍ଥାରେ ପଡିଛି। ନିର୍ମାଣ କାର୍ଯ୍ୟ ସୂଚନା ଫଳକରେ ସୀମିତ ରହିଛି । ରାସ୍ତାର ପାର୍ଶ୍ୱରେ ଡ୍ରେନ୍ ପାଇଁ ଖୋଳାଯାଇଥିଲେ ମଧ ତା’ଉପରେ ଘୋଡଣି ନ ପକାଇବାରୁ ଜନସାଧାରଣ ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ନୂଆପଡ଼ା ଏକ ଛୋଟ ବାଣିଜ୍ୟ କେନ୍ଦ୍ର ହୋଇଥିବାରୁ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହା ଉପରେ ନିର୍ଭର କରନ୍ତି। କିନ୍ତୁ ଉକ୍ତ ରାସ୍ତା କାମ ମନ୍ଥର ଗତିରେ ଚାଲିଥିବାରୁ ଲୋକଙ୍କ ମଧ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସେମାନେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଅପରପକ୍ଷରେ ଯେଉଁ କାମ କରାଯାଉଛି ତାହା ନିମ୍ନମାନର ହୋଇଛି। ତେବେ ଏହି ରାସ୍ତା କାମ ଶୀଘ୍ର ନ ସରିଲେ ଆନ୍ଦୋଳନ କରିବୁ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ସ୍ମାରକପତ୍ରର ନକଲ ବ୍ରହ୍ମପୁର ଉପଜିଲାପାଳ, ପୂର୍ତ୍ତବିଭାଗ ନିର୍ବାହିଯନ୍ତ୍ରୀ ଓ ନୂଆପଡା ଫାଣ୍ଡି ଅଧିକାରୀଙ୍କ ନିକଟକୁ ପଠାଯାଇଛି । ଏ ସମ୍ପର୍କରେ କେ.ନୂଆଗାଁ ଥାନାଧିକାରୀଙ୍କ ସହ ଯୋଗାଯୋଗ କରିବାରେ ଏ ସମ୍ପର୍କରେ କୌଣସି ଅଭିଯୋଗ ଆସିନଥିବା କହିଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ, ନଳବଣ୍ଟା ଚାମ୍ପିୟନ

**କବିସୂର୍ଯ୍ୟନଗର,୨୪।୨**

କବିସୂର୍ଯ୍ୟନଗର ଗଙ୍ଗାପୁର ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଜୟ ବଜରଙ୍ଗୀବାଲି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଆସିକା ନଳବଣ୍ଟା ଚାମ୍ପିୟନ ହୋଇଛି। ପ୍ରଥମେ ଖାଡ଼ବନ୍ଧ ୧୨ ଓଭରରେ ୫୭ରନ ସଂଗ୍ରହ କରି ସମସ୍ତ ଖେଳାଳି ଆଉଟ ହୋଇଥିଲେ। ଜବାବରେ ଆସିକା ନଳବଣ୍ଟା ୫ ଉଇକେଟ ବିନିମୟରେ ୫୮ରନ କରି ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ନଳବଣ୍ଟାର କାହ୍ନୁ, ମ୍ୟାନ ଅଫ୍ ଦି ସିରିଜ ଭାବେ ଖାଡ଼ବନ୍ଧର ସନ୍ତୋଷ ଟ୍ରଫି ପାଇଥିଲେ। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ମୋଟ ୨୪ ଟିମ ଭାଗ ନେଇଥିଲେ। ଗଙ୍ଗାପୁର ସମିତିସଭ୍ୟ ପ୍ରଦୀପ କୁମାର ଗୌଡ଼ ଓ ବାଉଁଶିଆ ସରପଞ୍ଚ ତପନ କୁମାର ପ୍ରଧାନ ବିଜେତା ଟିମକୁ ଟ୍ରଫି ସହ ୧୫ ହଜାର ଓ ରନର୍ସକୁ ୯ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଗାଁ ସଭାପତି ଦେବୀପ୍ରସାଦ ପ୍ରଧାନ, ୱାର୍ଡ ମେମ୍ବର ଉତ୍ସବ ଗୌଡ଼ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଭାବେ ଶ୍ରବଣ କୁମାର ଗୌଡ଼ ଓ ନୀଳାମ୍ବର ନାହାକ କାର୍ଯ୍ୟ ତୁଲାଇଥିଲେ।



କୃତୀ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଉଛି।

# ଏନ୍‌ଏସ୍‌କେଏଫ୍‌ଡିସି ପକ୍ଷରୁ ମିଳିବ ସଫେଇ ଉପକରଣ

**ବ୍ରହ୍ମପୁର ଅଫିସ୍,୨୪।୨**

ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ରେ କାର୍ଯ୍ୟରତ ସଫେଇ କର୍ମଚାରୀ ଯେଭଳି ସୁରକ୍ଷିତ ରହିବେ ଓ କୌଣସି ଦୁର୍ଘଟଣାର ସମ୍ମୁଖୀନ ହେବେନି ସେ ନେଇ ବିଏମ୍‌ସି ପକ୍ଷରୁ ବୁଧବାର ଡ଼ାଇମଣ୍ଡ ଜୁବୁଲି ଟାଉନ୍ ହଲ୍‌ରେ ଲୋନ୍ ମେଳା ଅନୁଷ୍ଠିତ ହୋଇଥିଲା। ଡ଼େପୁଟି କମିଶନର ତଥା ସାନିଟେସନ୍ ନୋଡ଼ାଲ ଅଫିସର୍ ରୋମାଞ୍ଚଳ ଖମାରୀ ଏଥିରେ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ସର୍ବଭାରତୀୟ ସ୍ତରରେ ୧ ନଂ. ର୍‍ୟାଙ୍କ ହାସଲ କ୍ଷେତ୍ରରେ ପ୍ରୟାସ ଜାରି ରହିଛି। ରାଜ୍ୟରେ ବ୍ରହ୍ମପୁର ମହାନଗରରେ ହିଁ ପ୍ରଥମ କରି ସେପ୍‌ଟେଜ୍ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏଥିସହ ବିଏମ୍‌ସି ପକ୍ଷରୁ ୧୪୪୨୦ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି। ସହରର କୌଣସି ସ୍ଥାନରେ ପଡ଼ି ରହିଥିବା ଅଳିଆ ଆବର୍ଜନା ନେଇ ଏହି ନମ୍ବରରେ ଅଭିଯୋଗ କଲେ ସଙ୍ଗେ ସଙ୍ଗେ ସଫା କରାଯାଉଥିବା ସେ କହିଥିଲେ। ଆଗାମୀ ଦିନରେ ସଫେଇ କର୍ମଚାରୀମାନେ ଯେଭଳି ମେଶିନ୍ ସାହାଯ୍ୟରେ ଆବର୍ଜନା,



ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସେପ୍‌ଟିକ୍‌ଟ୍ୟାଙ୍କ, ନାଳ ନର୍ଦ୍ଦମା ସଫା ନିମନ୍ତେ ବିଭିନ୍ନ ଯାନ୍ତ୍ରିକ ଉପକରଣ ବ୍ୟବହାର କରିପାରିବେ ସେ ନେଇ ବିଏମ୍‌ସି ପକ୍ଷରୁ ଲୋନ୍ ବ୍ୟବସ୍ଥା କରାଯାଇଛି। ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଯୋଗଦେଇ ସଫେଇ ମିତ୍ର ସୁରକ୍ଷା ଯୋଜନା ଅଧୀନରେ କର୍ମଚାରୀଙ୍କ ଫାଇନାନ୍ସ ଆଣ୍ଡ ଡ଼େଭଲପ୍‌ମେଣ୍ଟ କର୍ପୋରେଶନ୍ ସଂସ୍ଥା(ଏନ୍‌ଏସ୍‌କେଏଫ୍‌ଡ଼ିସି)ପକ୍ଷରୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ଆକାରରେ ସଫେଇ ନିମନ୍ତେ ଯାନ୍ତ୍ରିକ ଉପକରଣ କିଣିବେ। ଯେଉଁଥିପାଇଁ ବିଏମ୍‌ସି ୩୦ରୁ ୫୦ ପ୍ରତିଶତ ସବ୍‌ସିଡ଼ି ପ୍ରଦାନ କରିବ ବୋଲି କମିଶନର କହିଥିଲେ। ଯାହାକୁ ବିଏମ୍‌ସି ଭଡ଼ା ଆକାରରେ ନେଇ କାର୍ଯ୍ୟରେ ଲଗାଇ ଭଡ଼ା ଖର୍ଚ୍ଚ ପ୍ରଦାନ କରିବ। ଯାହାକି ସେମାନଙ୍କ ଋଣ ଶୁଝି ପାରିବ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଗରିମା ଯୋଜନାରେ ସଫେଇ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସ୍ୱାସ୍ଥ୍ୟ ବୀମା କାର୍ଡ଼ ଓ ଅନ୍ୟାନ୍ୟ

**ବିଏମ୍‌ସିର ଲୋନ୍ ମେଳା**

- ଭଡ଼ା ଆକାରରେ ନେବ ବିଏମ୍‌ସି

ଆନୁସଙ୍ଗିକ ସୁବିଧା ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ୟର୍ନେଷ୍ଟ ଆଣ୍ଡ ୟଙ୍ଗ୍ ଏବଂ ଏନ୍‌ଏସ୍‌କେଏଫ୍‌ଡ଼ିସିର ପ୍ରତିନିଧି ସାର୍ଥକ ଷଡ଼ଙ୍ଗୀ ସଫେଇ କର୍ମଚାରୀମାନେ କିଭଳି ଯାନ୍ତ୍ରିକ ଉପକରଣ କ୍ରୟ କରିବେ ସେ ନେଇ ସୂଚନା ଦେଇଥିଲେ। ଏଥିସହ ୟର୍ନେଷ୍ଟ ଆଣ୍ଡ ୟଙ୍ଗ୍ ପକ୍ଷରୁ ମହୁଡ଼ାଠାରେ ଥିବା ସେପ୍‌ଟେଜ୍ ଟ୍ୟାଙ୍କରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀଙ୍କୁ ଯାନ୍ତ୍ରିକ ଉପକରଣ ସମ୍ବନ୍ଧୀୟ ସମସ୍ତ ସହଯୋଗ କରୁଥିବା ସେ କହିଥିଲେ। ଏହି ଅବସରରେ ବିଏମ୍‌ସି ପକ୍ଷରୁ ମହାନଗର ନିଗମ ଅନ୍ତର୍ଗତ ୧୬ରୁ ୩୦ ନଂ. ୱାର୍ଡ଼ର ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯିବା ସହ ମାନପତ୍ର ମାଧ୍ୟମରେ ସମ୍ମାନିତ କରାଯାଇଥିଲା। ବିଏମ୍‌ସି ସାନିଟେସନ୍ ଏକ୍ସପର୍ଟ ମୋନିକା ମୋନାଲି ମାନ ସିଂ ସ୍ୱାଗତ ଭାଷଣ ଦେଇଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୨୫ ଫେବୃୟାରୀ, ୨୦୨୧



**ନଷ୍ଟ ହେଲା ପୋଚ: ୫ ଗିରଫ**

ସୋରଡ଼ା, (ଡି.ଏନ୍.ଏ.)- ସୋରଡ଼ାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଓ ପୋଲିସ ତରଫରୁ ମଦ ପୋଚ ନଷ୍ଟ କରାଯିବା ସହ ୫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରଯାଇଛି। ସ୍ଥାନୀୟ ବ୍ଲକର ଲାଠିପଡ଼ା, କରାପଲ୍ଲୀ, କେନ୍ଦୁପଲ୍ଲୀ, ମଝିପଲ୍ଲୀ ଗ୍ରାମରେ ପୋଲିସ ଚଢ଼ାଉ କରି ୮୨ ଲିଟର ଦେଶୀମଦ ଓ ୩୫୨୦ କେଜି ଗୁଡ ମିଶ୍ରିତ ପୋଚ ଜବତ କରି କରିଥିଲା। ଏଥିରେ ପ୍ରିତିଧାରା ନାୟକ, ଦୁର୍ଯ୍ୟୋଧନ ଦିଗାଳ ପାର୍ଥ ସାରଥି ରାଉତ ଓ ଅନ୍ୟ ବିଭାଗୀୟ କର୍ମଚାରୀମାନେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟିକସ ଆଦାୟରେ ବୁଗୁଡ଼ା ଏନ୍ଏସି ପ୍ରଥମ

ବୁଗୁଡ଼ା,୨୪।୨(ଡି.ଏନ.ଏ.)-ହୋଲଡିଂ ଟିକସ ଆଦାୟ କ୍ଷେତ୍ରରେ ଓଡ଼ିଶାରେ ବୁଗୁଡ଼ା ଏନ୍ଏସି ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛି। ଓଡିଶା ସରକାରଙ୍କ ଏଚ୍ୟୁଡି ବିଭାଗ ପକ୍ଷରୁ ମ୍ୟୁନିସିପାଲ ପ୍ରିମିୟର ଲିଗ (ଏମ୍ପିଏଲ୍) ୨.୦ ପ୍ରତିଯୋଗିତାର ବୁଧବାର ଅନଲାଇନ ଫଳାଫଳ ବାହାରିବା ପରେ ଏହା ଜଣାପଡିଛି। ବୁଗୁଡ଼ା ଏନ୍ଏସି ଟ୍ୟାକ୍ସ ଟାର୍ଗେଟର ୯୭ ପ୍ରତିଶତ ସଫଳତା ହାସଲ କରି ପ୍ରଥମ ହୋଇଛି। ଏହି ତାଲିକାରେ ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ପୌରପରିଷଦ ୧୧ ନଂ ସ୍ଥାନରେ ଥିବା ବେଳେ ୧୨ ନଂରେ କୋଦଳା, ୨୧ ନଂ ସ୍ଥାନରେ ସୋରଡ଼ା ଏନ୍ଏସି ଓ ୨୪ ନଂ ସ୍ଥାନରେ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନ ରହିଛି। ରାଜ୍ୟର ଟପଟେନ ତାଲିକାରେ ବୁଗୁଡ଼ା ତଳକୁ କରଞ୍ଜିଆ, ଅତାବିରା, ସୋର, ଯୋଡ଼ା, ଯାଜପୁର, ବରଗଡ଼, ଦେଓଗଡ଼, ପାରାଦୀପ ଓ ତାଳଚେର ରହିଥିବା ଜଣାପଡିଛି।

### ଛତ୍ରପୁରରେ ସୈନିକ ସ୍କୁଲ ସ୍ଥାପନ ଦାବି

#### ପିଏମ୍ଙ୍କୁ ଚିଠି ଲେଖିଲେ ଭାଜପା ଲିଗାଲ ସେଲ୍ ଆବାହକ

ଛତ୍ରପୁର,୨୪।୨(ଡି.ଏନ୍.ଏ .)- ଛତ୍ରପୁରଠାରେ ସୈନିକ ସ୍କୁଲ ଖୋଲିବାକୁ ଭାଜପା ପକ୍ଷରୁ ଦାବି ହୋଇଛି । ଗଞ୍ଜାମ ଜିଲ୍ଲା ଭାଜପା ଲିଗାଲ ସେଲ୍‌ର ଆବାହକ ପ୍ରଦୀପ କୁମାର ପାଢ଼ୀ ଏ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିବା ମଙ୍ଗଳବାରୁ ସୂଚନା ଦେଇଛନ୍ତି। ପ୍ରଦୀପ କହିଛନ୍ତି, ଦେଶରେ ୧୦୦ଟି ସୈନିକ ସ୍କୁଲ ସ୍ଥାପନ ହେବ ବୋଲି ପାର୍ଲାମେଣ୍ଟରେ ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ। ଛତ୍ରପୁରଠାରେ ସୈନିକ ସ୍କୁଲ ସ୍ଥାପନ ପାଇଁ ସମସ୍ତ ଭିତ୍ତିଭୂମି ଓ ସୁବିଧା ସୁଯୋଗ ରହିଥିବା ସେ ଚିଠିରେ ଦର୍ଶାଇଛନ୍ତି।

### ପୁରାତନ ଛାତ୍ର ସଂଘର ଆଲୋଚନା ସଭା

ଦିଗପହଣ୍ଡି,୨୪।୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ରାଧାଶ୍ୟାମ ହାଇସ୍କୁଲର ୧୯୭୮ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ସଂଘ ପକ୍ଷରୁ ଆଲୋଚନା ସଭା ବି. ତୁରୁବୁଡି ପଞ୍ଚାୟତ ଅଧୀନ ମାଁ ଖେମୁଣ୍ଡିକାଲୁଆ ଶକ୍ତି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂଘର କାର୍ଯ୍ୟକର୍ତ୍ତା ଅସୀତ କୁମାର ଦାଶ ଅଧକ୍ଷତା କରିଥିଲେ। ସଭା ପୂର୍ବରୁ ହାଇସ୍କୁଲର ଦିବଂଗତ ଶିକ୍ଷକମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ୪୨ ବର୍ଷ ପରେ ସମସ୍ତ ଛାତ୍ର ଏକତ୍ରିତ ହୋଇଥିଲେ। ପରେ ଛାତ୍ର ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ସଭ୍ୟ ଶକ୍ତି ପୀଠର ଚତୁର୍ଦ୍ଦିଗକୁ ସଫେଇ କରିଥିଲେ। ମୋ ସ୍କୁଲ ଅଭିଯାନ ପ୍ରକଳ୍ପରେ ସମସ୍ତ ପୁରାତନ ଛାତ୍ର ନିଜକୁ ସାମିଲ କରି ହାଇସ୍କୁଲରେ ପଢୁଥିବା, ଅସହାୟ, ଦିବ୍ୟାଙ୍ଗ, ଛାତ୍ରୀଛାତ୍ରମାନଙ୍କୁ ସାହାଯ୍ୟ ସହଯୋଗ ପାଇଁ ସଭାରେ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା। ପୁରାତନ ଛାତ୍ର ସଂଘର କାର୍ଯ୍ୟକର୍ତ୍ତା ସୀମାଞ୍ଚଳ ପଣ୍ଡା, ପ୍ରସାଦ ରାଓ, ଯୁ.ଲିଙ୍ଗ ମୂର୍ତ୍ତି, ସି ଏଚ୍. ଶଙ୍କର ସୁବୁଦ୍ଧି, ଏସ୍.ଆନନ୍ଦ ଆଚାରୀଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟକ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

### ମୋ କଲେଜ ଅଭିଯାନ

ପାତ୍ରପୁର,୨୪।୨(ଡି.ଏନ୍.ଏ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟରେ ବୁଧବାର ମୋ କଲେଜ ଅଭିଯାନ ଉପଜିଲାପାଳ କାର୍ଯ୍ୟାଳୟର କାର୍ଯ୍ୟନିର୍ବାହୀ ବିଚାରପତି ମାଲେଶୁ ପାତ୍ରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ଅଧକ୍ଷତା କରିଥିବା ବେଳେ ଆଲୁମ୍ନି ସଭାପତି ରାଧାନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅଭିଯାନ ମାଧମରେ କଲେଜର ପୂର୍ବତନ ଏବଂ ନୂତନ ଛାତ୍ରୀଛାତ୍ର, କର୍ମଚାରୀ, କଲେଜର ଶୁଭେଚ୍ଛୁମାନଙ୍କ ଠାରୁ ଯାହା ଆର୍ଥିକ ଦାନ ସଂଗ୍ରହ ହେବ ତାହାର ଦୁଇ ଗୁଣ ସରକାରଙ୍କଠାରୁ ମିଳିବା ଯୋଜନା ରହିଛି । ସମସ୍ତ ଆଦାୟକୁ କଲେଜର ଉନ୍ନତି ମୂଳକ କାର୍ଯ୍ୟରେ ଲଗାଇବା ପାଇଁ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୁମ୍ନି ସମ୍ପାଦକ ବଳରାମ ମହାପାତ୍ର, ରାମ ଗୋପାଳ ପାଢ଼ୀ, ସ୍ୱାଗତିକା ପ୍ରଧାନ, ସନ୍ତୋଷ ପାଣିଗ୍ରାହୀ, ଅସୀମା ପ୍ରଧାନ, ସୂର୍ଯ୍ୟ ନାରାୟଣ ନାୟକ ପ୍ରମୁଖଙ୍କ ସହ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଧାକର ବିଷୋୟୀ ମଞ୍ଚ ପରିଚାଳନା ପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ଯୋଜନା

ଭଞ୍ଜନଗର,୨୪।୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ଜାପାନ ଇଣ୍ଟର ନ୍ୟାଶନାଲ କୋଅପରେଶନ ଏଜେନ୍ସି (ଜାଇକା) ସହାୟତାରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ସହ ଲୋକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଚାଲିଛି। ବୁଧବାର ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ଯୋଜନାର ବାର୍ଷିକ ସମୀକ୍ଷା ହୋଇଥିଲା। ଦୁଇ ପର୍ଯ୍ୟାୟରେ ସମୀକ୍ଷା ଓ ଆଲୋଚନା ହେବାକୁ ଥିବାବେଳେ ଅଧିବେଶନରେ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଅନୁପସ୍ଥିତ ରହିବାରୁ ବନ ସୁରକ୍ଷା ସମିତି (ଭିଏସ୍ଏସ୍) କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖାଯାଇଥିଲା।

ପୂର୍ବାହ୍ନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବକ୍ତାମାନେ ଜାଇକା ପ୍ରକଳ୍ପର ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ କହିଥିଲେ। ପ୍ରକଳ୍ପ କାର୍ଯ୍ୟକାରୀ ହେବାପରେ ୧୦୦ଟି ଭିଏସ୍ଏସ୍‌ର ଅନେକ ମହିଳା ଓ ପୁରୁଷ ଆର୍ଥିକସ୍ତରରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ବନ କର୍ମଚାରୀ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଯୋଜନା ସଫଳ ହୋଇପାରିବ। ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ଅପରାହ୍ନ ଅଧିବେଶନର ଖୋଲା ଆଲୋଚନାରେ ଭାଗନେଇ କେତେଜଣ ଭିଏସ୍ଏସ୍ କର୍ମକର୍ତ୍ତା କହିଥିଲେ, ଭିଏସ୍ଏସ୍ ଗଠନ ପରେ ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ହେଉଛି । ତଥାପି ଭିଏସ୍ଏସ୍ ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଦୃଷ୍ଟି ଦେବା ଆବଶ୍ୟକ। ଡିଏଫଓ ଅଭୟ କୁମାର ଦଳେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେଉରା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ବୈଜ୍ଞାନିକ ସାଇନାଶ୍ରୀ ଦାସ, ବିଡିଓ ଡ.ଶୁଭ୍ରାଂଶୁ ପଟ୍ଟନାୟକ, ବିଏଓ କୁମୁଦ ଚନ୍ଦ୍ର ପାଢ଼ୀ, ରେଞ୍ଜର ଉମାକାନ୍ତ ଦାସ, ଏଏଚ୍ଓ ଶୁଭ୍ରାଂଶୁ ଶେଖର ଆଚାର୍ଯ୍ୟ, ସ୍ୱାତୀ ସମ୍ପାଦକ ହରି ଶଙ୍କର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅପରାହ୍ନ ଅଧିବେଶନରେ ଏସିଏଫ୍ ସୁଦର୍ଶନ ବାଦୀ, ଏମ୍.ମୋତିଲାଲ, ସାଉଥ୍ ଏସିଏଫ୍ ପ୍ରଭାକର ନାୟକ, ରେଞ୍ଜର ଆଶାଲତା ଦିଗାଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଏଫଓଙ୍କ ସମେତ ଆଉ କିଛି ଅଧିକାରୀ ଅପରାହ୍ନ ଅଧିବେଶନରେ ଯୋଗ ନ ଦେଇ ଜଗନ୍ନାଥପ୍ରସାଦ ରେଞ୍ଜର ଏକ ବନପାଳ କ୍ୱାର୍ଟର୍ସ ଉଦ୍‌ଘାଟନ କରିବାକୁ ଯାଇଥିଲେ। ଏହାକୁ ନେଇ ଭିଏସ୍ଏସ୍ କର୍ମକର୍ତ୍ତା ଅସନ୍ତୋଷ ବ୍ୟକ୍ତ କରିଥିବା ଲୋକନାଥ ଆଚାର୍ଯ୍ୟ କହିଛନ୍ତି। ତେବେ ବୈଠକ ସରିବା ପୂର୍ବରୁ ଡିଏଫଓ ଦଳେଇ ପହଞ୍ଚି ଆଲୋଚନାରେ ଭାଗ ନେଇଥିଲେ। ଏସିଏଫ ସୁଦର୍ଶନ ବାଦୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଭିଏସ୍ଏସ୍ କର୍ମକର୍ତ୍ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

## ଡଲ୍‌ଫିନ ସୁରକ୍ଷା ନେଇ ସଚେତନତା ଶିବିର

ରମ୍ଭା/ଗଞ୍ଜାମ, ୨୪।୨

ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ରପୁର ଅଧୀନ ଗୌରାଙ୍ଗପାଟଣା ଗ୍ରାମରେ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ତରଫରୁ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଡଲଫିନ ସୁରକ୍ଷା ଓ ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା, ବକ୍ତା ଭାବେ ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳ ଅଧୀକରିଣୀ ରଶ୍ମିତା ଜେନା, ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପତଞ୍ଜଳି ଯୋଗ ଗୁରୁ ରବୀନ୍ଦ୍ର ବେହେରା, ଖବରଦାତା ସୁଜିତ କୁମାର ବେହେରା, ମା ଭରାଣ୍ଡି ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ମନ୍ଦାର, ପୋଲସରାର ପ୍ରଧାନ ଶିକ୍ଷକ ଅଭିରାମ ବେହେରା ପ୍ରମୁଖ ଯୋଗ ଦେଇ ଚିଲିକାର ଜୈବ ବିବିଧତା ମଧ୍ୟରେ ଦେଖାଯାଉଥିବା ବିରଳ ପ୍ରଜାତିର ଡଲଫିନ ମାନଙ୍କ ସୁରକ୍ଷା ଓ ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ। ରମ୍ଭା ବନ୍ୟପ୍ରାଣୀ ଓ ବନାଞ୍ଚଳର ବନପାଳ ଜିତେନ୍ଦ୍ର ନାୟକ, ସବିତା ରାଣୀ ପ୍ରଧାନ, ବନରକ୍ଷୀ ଗୌରାଙ୍ଗ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

## ଜନପ୍ରତିନିଧି ନେଲେ କୋଭିଡ୍ ଟିକା

ଖଜୁରିପଡ଼ା,୨୪।୨(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ପଞ୍ଚାୟତ ସମିତି, ରାଜସ୍ୱ ଓ ପୋଲିସ ବିଭାଗ କର୍ମଚାରୀଙ୍କୁ ପ୍ରଥମ ପର୍ଯ୍ୟାୟ କୋରୋନା ଟିକା ପ୍ରଦାନ କରାଯାଇଛି। ଏଥିସହ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମସ୍ତ ସରପଞ୍ଚ, ସମିତିସଭ୍ୟ, ୨ ଜିଲା ପରିଷଦଙ୍କୁ ମଧ ଟିକା ପ୍ରଦାନ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏହି ଟିକାକରଣ କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର ଉଦ୍‌ଘାଟନ କରି ପ୍ରଥମେ ଟିକା ଗ୍ରହଣ କରିଥିବା ବେଳେ ବିଡ଼ିଓ ରବୀନ୍ଦ୍ର କହଁର ମଧ ଟିକା ନେଇଥିଲେ। ତହସିଲଦାର ସ୍ୱପ୍ନିତା ନାୟକ, ଥାନା ଅଧିକାରୀ ରମାକାନ୍ତ ପାତ୍ର, ଜିଲା ପରିଷଦ ସଭ୍ୟା ଅନୁରାଧା ସାହୁ, ଜୁଲିଲତା ଲେଙ୍କା, ଉପାଧ୍ୟକ୍ଷ ସୌଦାମିନୀ କହଁରଙ୍କ ସମେତ ସମସ୍ତ ସରପଞ୍ଚଏବଂ ସମିତିସଭ୍ୟ ଟିକା ନେଇଥିଲେ।

## କୋଭିଡ୍ ସତର୍କତା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଖଲ୍ଲିକୋଟ,୨୪।୨(ଡି.ଏନ୍.ଏ.)– ଖଲ୍ଲିକୋଟ ବ୍ଲକ ପରିସରରେ ମଙ୍ଗଳବାର କୋଭିଡ୍ ସତର୍କତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଓ ଏନ୍ଏସି ଦାୟିତ୍ୱରେ ଥିବା ଛତ୍ରପୁର ଡିଆଇସି ଜେନେରାଲ ମ୍ୟାନେଜର ଆନାମୀ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ତହସିଲଦାର ରାଜ କିଶୋର ପଟ୍ଟନାୟକ, ବ୍ଲକ ଏବିଡିଓ ନିରଞ୍ଜନ ବେହେରା, ଆଇଆଇସି ସତ୍ୟ ରଞ୍ଜନ ପ୍ରଧାନ, ଏନ୍ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ କୋଭିଡ୍ କଟକଣା କଡ଼ାକଡ଼ି ପାଳନ ହେବା ନେଇ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏଥିରେ ଖଲ୍ଲିକୋଟ ବ୍ଲକ ସିଡିପିଓ ଅଂଶୁପା ସାହୁ, ତହସିଲ କର୍ମଚାରୀ ସଦାନନ୍ଦ ଶବରଙ୍କ ସମେତ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ବ୍ଲକ କର୍ମଚାରୀ, ଏନ୍ଏସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ, ପାତ୍ରପୁର ଚାମ୍ପିୟନ



ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଶେରଗଡ଼,୨୪।୨(ଡି.ଏନ.ଏ.)

ଶେରଗଡ଼ ବ୍ଲକ ସୁନାନ୍ତରଠାରେ ଚାଲିଥିବା ନାଥେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ୍ ପାତ୍ରପୁର କ୍ରିକେଟ କ୍ଲବ ସହ ଶେରଗଡ଼ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାତ୍ରପୁର ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୨୦ ଓଭରରେ ପାତ୍ରପୁର ଟିମ୍ ସମସ୍ତ ଉଇକେଟ ହରାଇ ୫୮ ରନ କରିଥିଲା। ଶେରଗଡ଼ ଟିମ୍ ଏହାର ପିଛା କରି ସମସ୍ତ ଉଇକେଟ ହରାଇ ୫୩ ରନ କରି ପରାସ୍ତ ହୋଇଥିଲା। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିରଞ୍ଜନ ଜେନା, ସମ୍ମାନିତ ଅତିଥି ଭାବେ ମକରା ସ୍ୱାଇଁ, ଈଶ୍ୱର ଜେନା, ସଞ୍ଜୟ ଜେନା ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ଶେରଗଡ଼ କ୍ରିକେଟ କ୍ଲବକୁ ରନର୍ସ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଜିତୁନୁ ସ୍ୱାଇଁ, ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବଳରାମ ସ୍ୱାଇଁଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜେଶ, କଂସ, କୃଷ୍ଣ, ସୁଶାନ୍ତ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ।

## ବାଚସ୍ପତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ

କୁକୁଡ଼ାଖଣ୍ଡି,୨୪।୨

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କୁକୁଡ଼ାଖଣ୍ଡି ବ୍ଲକରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ବାଚସ୍ପତି ସିହଳା ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକ୍ଳ ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସରପଞ୍ଚ ବିପ୍ରଚରଣ ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବିଡିଓ ଗଦାଧର ପାତ୍ର, ଏଇଇ ସୁଜିତ କୁମାର ତହଲ, ଜେଇ ମନୋରଞ୍ଜନ ପାଣିଗ୍ରାହୀ, ସରପଞ୍ଚ ସଂଘ ସଭାପତି ସାରଥି ଗୌଡ଼, ସ୍ଥାନୀୟ ବିଧାୟକ ପ୍ରତିନିଧି ହିମାଂଶୁ ପାଢ଼ୀ, ୯ନଂ. ଜିଲା ପରିଷଦ ସଭ୍ୟା ନିରୁପମା ପାତ୍ର, ବରିଷ୍ଠ ନେତା ଯତୀନ୍ଦ୍ର ପାତ୍ର, ସମିତିସଭ୍ୟ ପ୍ରଶାନ୍ତ କୁମାର ଦାସ, ନାଏବ ସରପଞ୍ଚ ବବି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିହଳା ପଞ୍ଚାୟତ ଜୁଗୁଡି ଗ୍ରାମରେ ଶ୍ମଶାନ ମଣ୍ଡପ, ଶୁଣ୍ଢୀ ସାହି କୋଠଘର ଉଦ୍‌ଘାଟିତ ହୋଇଥିବା ବେଳେ ବଡ ସାହି ଠାକୁରାଣୀ ମନ୍ଦିର ପାଚେରି ଓ ଶିବ ମନ୍ଦିର ପାଚେରି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନପୁର ଗ୍ରାମର ବହୁମୁଖୀ କେନ୍ଦ୍ରର କମ୍ୟୁନିଟି ସେଣ୍ଟରକୁ ବାଚସ୍ପତି ଉଦ୍‌ଘାଟନ କରିଥିଲେ।

## କରୋନା ସଚେତନତା

ଗଞ୍ଜାମ,୨୪।୨(ଡି.ଏନ.ଏ.)

ଗଞ୍ଜାମ ଏନ୍ଏସି ଓ ପୋଲିସ ପ୍ରଶାସନ ତରଫରୁ ମାସ୍କ ପରିଧାନ, ସାମାଜିକ ଦୂରତା ଆଦି ସଚେତନ କରାଯାଇଛି। ଏଥିରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରୋନିତ କୁମାର, ଆକାଉଣ୍ଟାଣ୍ଟ ଦୀପ୍ତି ରଞ୍ଜନ ପୃଷ୍ଟି, ଥାନାଧିକାରୀ ଦିଲ୍ଲୀପ କୁମାର ସାହୁ, ଏଏସ୍ଆଇ ନାରାୟଣ କହଁର, ଲକ୍ଷ୍ମୀ ପାଢ଼ୀ, ବିପିନ ବାରିକ, ହରି ବିଶ୍ୱାଳ, ସିଡିପିଓ, ଅଙ୍ଗନୱାଡି କର୍ମୀ, ହେଲପର ଏବଂ ସ୍କୁଲ ଛାତ୍ର ପ୍ରମୁଖ ବଜାର ପରିକ୍ରମା କରିଥିଲେ।

## ମାର୍ଚ୍ଚ ୧୯ରୁ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଛତ୍ରପୁର,୨୪।୨(ଡି.ଏନ.ଏ)

ଛତ୍ରପୁରଠାରେ ଆସନ୍ତା ମାର୍ଚ୍ଚ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବିଜୁ ପଟ୍ଟନାୟକ ଜନ୍ମ ଶତବାର୍ଷିକୀ ଓଡିଶା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ । ଏଥିପାଇଁ ଓଡିଶା ଫୁଟବଲ୍ ଆସୋସିଏଶନ ଅନୁମତି ଦେଇଛି। ସୋମବାର ଏଠାରେ କମିଟିର ଏକ ବୈଠକ ବସି ଟୁର୍ନାମେଣ୍ଟ ଆୟୋଜନ ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା । ଟୁର୍ନାମେଣ୍ଟରେ ରାଜ୍ୟର ପ୍ରମୁଖ ୮ ଟି ଦଳ ଭାଗ ନେବେ। ଟୁର୍ନାମେଣ୍ଟ ଆୟୋଜନ ପାଇଁ ଏକ କମିଟି ଗଠନ ହୋଇ କର୍ମକର୍ତ୍ତା ମନୋନୀତ କରାଯାଇଥିଲା । କମିଟିର ଅଧ୍ୟକ୍ଷ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପାଧ୍ୟକ୍ଷ ଗଞ୍ଜାମ ଏସପି ବ୍ରିଜେଶ କୁମାର ରାଏ ରହିଥିବାବେଳେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ରହିଛନ୍ତି। ସେହିପରି ଆୟୋଜକ କମିଟିରେ ଟି. ଚନ୍ଦ୍ରଶେଖର ସାହୁ ସଭାପତି, ପ୍ରଫୁଲ୍ଲ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ନବୀନ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଅଭିରାମ ସାହୁ, ସୁଧିର କୁମାର ପଟ୍ଟନାୟକ ଉପସଭାପତି, ପ୍ରଦୀପ କୁମାର ଦାସ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ବିଷୋୟୀ ଓ ରବୀନ୍ଦ୍ର କୁମାର ସାହୁ ଆସିଷ୍ଟାଣ୍ଟ ସେକ୍ରେଟାରୀ, ବି. ରାଜୁବାବୁ କୋଷାଧ୍ୟକ୍ଷ, ପ୍ରଶାନ୍ତ କୁମାର ମହାରଣା, ନିମାଇଁ ଚରଣ ପଣ୍ଡା, ଡି ଗଣେଷ ରାଓ, ସନ୍ତୋଷ କୁମାର ପାଢ଼ୀ ଅର୍ଗାନାଇଜିଂ ସେକ୍ରେଟାରୀ ଏବଂ ଏ. ରାବଣା ରାଓ, ଏ. ଭେଙ୍କଟ ରାଓ, ଅଜୟ କୁମାର ପରିଡା, ପିତାମ୍ବର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, କ୍ଷୀରୋଧ ଚନ୍ଦ୍ର ସାହୁ, ସରୋଜ ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ଦିଲୀପ କୁମାର ସାମଲ ଓ ପ୍ରଶାନ୍ତ କୁମାର ବିଷୋୟୀ କାର୍ଯ୍ୟକାରୀ ସଭ୍ୟ ରହିଛନ୍ତି।

## ଜଉଗଡ଼ ମହୋତ୍ସବ ପ୍ରସ୍ତୁତି ସମୀକ୍ଷା

ପୁରୁଷୋତ୍ତମପୁର,୨୪।୨(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ଗ୍ରାମରେ ଜଉଗଡ ମହୋତ୍ସବ ଲାଗି ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆସି ସମୀକ୍ଷା କରିଛନ୍ତି। କୋଭିଡ୍ କଟକଣାରେ କେଉଁ ସ୍ଥାନରେ କ'ଣ ଷ୍ଟଲ ରହିବ, ସାଂସ୍କୃତିକ କାର୍ଯ୍ୟକ୍ରମ କେଉଁଠାରେ ହେବ, ଜନଗହଳିର କିଭଳି ନିୟନ୍ତ୍ରଣ କରାଯିବ ସେ ନେଇ ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ସେଥିଲାଗି କାର୍ଯ୍ୟମାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, ଜଉଗଡ଼ରେ ବହୁ ପ୍ରାଚୀନ ଐତିହାସିକ କୀର୍ତ୍ତି ରହିଥିବାରୁ ଏହାକୁ ଲୋକାଭିମୁଖୀ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ଥାନ ଦେବା ଲାଗି ଏହି ମହୋତ୍ସବ କରାଯାଉଛି। ତାରାତାରିଣୀ, ଜଉଗଡ, କାଳେଶ୍ୱର ସହ ଅଞ୍ଚଳରେ ଥିବା ବିଭିନ୍ନ ସ୍ଥଳକୁ ନେଇ ଏକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରି ଅଞ୍ଚଳର ବିକାଶ କରାଯିବ ବୋଲି ଜିଲାପାଳ କହିଛନ୍ତି। ମହୋତ୍ସବ ତାରିଖକୁ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ୧ରୁ ୩ ତାରିଖ ପର୍ଯ୍ୟନ୍ତ ମହୋତ୍ସବ କରିବା ଲାଗି ସ୍ଥିର ହୋଇଥିବା ବିଡିଓ ବିଜୟ କୁମାର ବେହେରା କହିଛନ୍ତି। ଜିଲାପାଳଙ୍କ ସମୀକ୍ଷା ବେଳେ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବିଡିଓ ବିଜୟ କୁମାର ବେହେରା, ତହସିଲଦାର ନୀତୀଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଭାଷାକୁ ସରକାରୀ ମାନ୍ୟତା ଦାବି

### ବାଲିଗୁଡ଼ାରୁ ପ୍ଲାକାର୍ଡ ଅଭିଯାନ ଆରମ୍ଭ

ବାଲିଗୁଡ଼ା,୨୪।୨(ଡି.ଏନ.ଏ.)

ଓଡ଼ିଆ ଭାଷାକୁ ସରକାରୀ ଭାବେ ପ୍ରଚଳନ କରିବା ପାଇଁ ବିଶ୍ୱ ମାତୃଭାଷା ଦିବସରେ ବାଲିଗୁଡ଼ାରୁ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି। କନ୍ଧମାଳ ଭାଷା ଆନ୍ଦୋଳନର ଆବାହକ ଅଶୋକ ପରିଡା ଏହାର ନେତୃତ୍ୱ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪ ଥର ଘୋଷଣା କରିଥିବା ସତ୍ତ୍ୱେ ବି ଓଡିଆ ଭାଷାକୁ ସରକାରୀ ଭାବେ କାର୍ଯ୍ୟକାରୀ କରିବାକୁ ନିୟମ କାନୁନ ପ୍ରଣୟନ ହେଲା ନାହିଁ। ଭାଷା ଆଇନ କାର୍ଯ୍ୟକାରୀ ହେଲେ ଓଡ଼ିଆ ଭାଷାଭାଷୀଙ୍କ ପାଇଁ ମଙ୍ଗଳ ହେବ। ୨୦୧୬ ଅଗଷ୍ଟ ୧୫ସୁଦ୍ଧା ସାମଗ୍ରିକ ଭାବେ ଭାଷା ଆଇନ କାର୍ଯ୍ୟ କାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଲାନାହିଁ। ତେଣୁ ଭାଷା ଆନ୍ଦୋଳନ ଓଡିଶାର ନିଷ୍ପତ୍ତି କ୍ରମେ ସରକାରଙ୍କୁ ସଚେତନ କରାଇବାକୁ ବାଲିଗୁଡ଼ାଠାରେ ବିରେନ୍ଦ୍ର ଦିଗାଲ, ଚନ୍ଦନ ଜେନା, କୈବର୍ତ୍ତ ଭୋଇ ପ୍ରମୁଖ ବୁଦ୍ଧିଜୀବୀ, ସମାଜିକ କର୍ମୀ ଉପସ୍ଥିତ ରହି ବିଭିନ୍ନ ସ୍ଲୋଗାନ ଦେଇ ଭାଷା ଆନ୍ଦୋଳନକୁ ଆରମ୍ଭ କରିଛନ୍ତି।



ଭାଷା ଆନ୍ଦୋଳନରେ ସାମିଲ ହୋଇଥିବା ବ୍ୟକ୍ତିମାନେ।

# ସୁଧୁରୁନି ସମସ୍ୟା, ବ୍ୟବସାୟୀ ହନ୍ତସନ୍ତ

ବ୍ରହ୍ମପୁର ଅଫିସ,୨୪।୨

### ଗେଟ୍ ବଜାର ଭେଣ୍ଡିଂ ଜୋନ୍




ଭେଣ୍ଡିଂ ଜୋନ୍ ବାହାରେ ବସିଥିବା ବ୍ୟବସାୟୀମାନେ।

ପବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଗେଟ୍ ବଜାର ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମାଧାନ ପାଇଁ ତ୍ରିନାଥ ଠାକୁର ପରିବା ବ୍ୟବସାୟୀ ସଂଘ ପକ୍ଷରୁ ବାରମ୍ବାର ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି।

୨୦୧୧ ମସିହାରେ ବୈକୁଣ୍ଠ ନଗରସ୍ଥିତ ନେଳିଆ ବନ୍ଧ ପାର୍ଶ୍ୱରେ ଏହି ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ ହୋଇଥିଲା। ଏଠାରେ ଗେଟ୍ ବଜାର ମୁଖ୍ୟରାସ୍ତା, ସିଟି ହସ୍ପିଟାଲ ପାର୍ଶ୍ୱ ରାସ୍ତା, ବଗୁଲି ସାହି, ରଘୁନାଥ ମନ୍ଦିର ଗଳି ଓ ସହର ଉପକଣ୍ଠସ୍ଥ ତୁରା, ପଥରା, ଗୋପାଳପୁର ଆଦି ଅଞ୍ଚଳର ପରିବା ଓ ଫଳ ବ୍ୟବସାୟୀମାନେ ବ୍ୟବସାୟ କରିବାର ସୁଯୋଗ ପାଇଥିଲେ। ଭେଣ୍ଡିଂ ଜୋନରେ ୧୦୪ଟି କ୍ୟାବିନ୍ ସହ ପାର୍କିଂ ବ୍ୟବସ୍ଥା ରହିଛି। କ୍ୟାବିନ ପିଛା ୫୦ ହଜାର ଟଙ୍କା ବ୍ୟବସାୟୀମାନେ ବିଏମ୍‌ସି ନିକଟରେ ପୈଠ କରିଛନ୍ତି। ବିଏମ୍‌ସି ପ୍ରତି ମାସରେ ଭଡ଼ା ବାବଦକୁ ୬୦୦ ଟଙ୍କା ଆଦାୟ କରୁଛି। ହେଲେ ସମସ୍ୟା ସମାଧାନ କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିଛି। ଭେଣ୍ଡିଂ ଜୋନ୍‌ରେ ଶୌଚାଳୟ ସମସ୍ୟା ରହିଛି। ପୁରୁଷ ଓ ମହିଳାଙ୍କ ନିମନ୍ତେ ୪ ଶୌଚାଳୟ ରହିଥିଲେ ମଧ ଆବଶ୍ୟକ ସୁବିଧା ନ ଥିବା କାରଣରୁ ଉଭୟ ଗ୍ରାହକ ଓ ବ୍ୟବସାୟୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟବସାୟୀମାନେ ନିଜ ଖର୍ଚ୍ଚରେ ଏକ ଟିଣ ଛପର ଘରେ ଅସ୍ଥାୟୀ ଶୌଚାଳୟ କରିଛନ୍ତି। ବିଏମସି ପକ୍ଷରୁ ଡଷ୍ଟବିନ ପ୍ରଦାନ କରାଯାଇନାହିଁ। ଯଦ୍ୱାରା ଅଳିଆ ଆବର୍ଜନା ଜମିରହୁଛି। ଭେଣ୍ଡିଂ ଜୋନ୍‌ରେ ୨ଟି ତେଜରାଜି ଦୋକାନ ଥିବାବେଳେ ଅନ୍ୟସବୁ ପରିବା ଦୋକାନ। ଏବେ ବି ଅନେକ ପରିବା ବ୍ୟବସାୟୀ କ୍ୟାବିନ୍ ପାଇନାହାନ୍ତି। ବହୁ ମହିଳା ବ୍ୟବସାୟୀ ଭେଣ୍ଡିଂ ଜୋନ୍ ପରିସରରେ ବ୍ୟବସାୟ କରୁଛନ୍ତି। ଏଥିପାଇଁ ୫ ଟଙ୍କା ଲେଖାଏ ପାନ୍ତୁ ଦେବାକୁ ପଡୁଥିବା କହିଛନ୍ତି। ଏ ପରିବା ବ୍ୟବସାୟୀ ସଂଘ କୋଷାଧ୍ୟକ୍ଷ ହରେକୃଷ୍ଣ ପଣ୍ଡା କହିଛନ୍ତି, ଭେଣ୍ଡିଂ ଜୋନ୍‌ରେ ବିଭିନ୍ନ ସମସ୍ୟା ରହିଛି। ଏପଟେ ରାସ୍ତା କଡ଼ରେ ପରିବା ବିକ୍ରି କରାଯାଉଥିବାରୁ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟ କମୁଛି। ଅନ୍ୟପଟେ ମହିଳା ବ୍ୟବସାୟର ପଦି ସାହୁ କହିଛନ୍ତି, ଭେଣ୍ଡିଂ ଜୋନ୍‌ରେ ସ୍ଥାନାଭାବରୁ ଅସ୍ଥାୟୀ ଭାବେ ଏକ ସ୍ଥାନରେ ବ୍ୟବସାୟ କରୁଛୁ। ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସେହିପରି ରାସ୍ତା କଡ଼ରୁ ପରିବା ମିଳୁଥିବାରୁ ଭେଣ୍ଡିଂ ଜୋନ୍‌କୁ ଆସିବା ଆବଶ୍ୟକ ପଡୁନି ବୋଲି ଗ୍ରାହକ ସୁଶ୍ରୀ ସାହୁ ଓ କାଳୀଚରଣ ସାହୁ କହିଛନ୍ତି।

